# NATIONAL NEWS BULLETIN (ODIA)

## 8 September - 2026

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀ-୨୦୨୬ର ଆଜି ସନ୍ଧ୍ୟାରେ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଚଳିତ ମାସ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ କରିବେ ଦ୍ୱିପକ୍ଷିୟ ବୈଠକ ।
- ଗୁଜରାଟରେ ଆସନ୍ତା ୨୨ ତାରିଖ ଦିନ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

– ଶ୍ରେଷ୍ଠ ଫିଚର୍ ଫିଲ୍ମ ପୁରସ୍କାର ମିଳିବ ଆର୍ଟିକିଲ୍-୩୭୦କୁ ।

ଏବଂ

- ତିନି ଦିନିଆ ଶ୍ରୀଲଙ୍କା ଗସ୍ତରେ ଯାଇ ଆଜି କଲମ୍ବୋରେ ପହଞ୍ଚିଲେ ପ୍ରତିରକ୍ଷା ମନ୍ତ୍ରୀ ।

# ପିଏମ୍-ଗୁଜରାଟ

ଭାରତ ବର୍ତ୍ତମାନ ବିଶ୍ୱସ୍ତରରେ ଏକ ବିନିର୍ମାଣ ହବ୍ ରୂପେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ଗୁଜରାଟ ଗସ୍ତ କରି ଶ୍ରୀ ମୋଦୀ ୩୪ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି, ତାଙ୍କ ସରକାର କେନ୍ଦ୍ରରେ କ୍ଷମତାସିନ ହେବା ପରଠାରୁ ଭାରତ ଆଧୁନିକ ଟ୍ରେନ୍ ଏବଂ ମେଟ୍ରୋ କୋଚ୍ ମଧ୍ୟ ନିର୍ମାଣ କରୁଛି । ୫୦ହଜାରରୁ ଊର୍ଦ୍ଧ୍ୱ ଆଧୁନିକ ରେଳକୋଚ୍ ଏବଂ ଅଢ଼େଇ ଲକ୍ଷ ୱାଗନ ମଧ୍ୟ ଇତିମଧ୍ୟରେ ଭାରତୀୟ ରେଳବାଇ ନେଟ୍‌ୱର୍କରେ ସାମିଲ ହୋଇସାରିଛି । ସ୍ୱଦେଶୀ ଜ୍ଞାନକୌଶଳରେ ଦେଶରେ 'ଚିପ୍‌ରୁ ସିପ୍' ତଥା ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଠାରୁ ଆରମ୍ଭ କରି ସାମୁଦ୍ରିକ ଜାହାଜ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ଉତ୍ପାଦନ କରିବାର ଦୃଷ୍ଟିକୋଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏକ ସମ୍ପୂର୍ଣ୍ଣ ସୁବ୍ୟବସ୍ଥିତ ଆତ୍ମନିର୍ଭର ଯୋଗାଣ ଶୃଙ୍ଖଳ ଦେଶ ମଧ୍ୟରେ ସ୍ଥାପନ କରିବା ଦିଗରେ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ।

**V/O2--PM-CHIP-SHIP**

ଗୁଜରାଟ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ମୁମ୍ବାଇଠାରେ ଆଜି ସନ୍ଧ୍ୟାରେ ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀ-୨୦୨୬ର ଶୁଭାରମ୍ଭ କରିଛନ୍ତି । ଆସନ୍ତା ୧୧ ତାରିଖରେ ଶେଷ ହେବାକୁ ଥିବା ଏହି ଫିନ୍‌ଟେକ୍ ସମ୍ମିଳନୀର ସପ୍ତମ ସଂସ୍କରଣରେ ଏହି କ୍ଷେତ୍ରର ନୀତି ନିର୍ଦ୍ଧାରକ, ଆର୍ଥିକ ପ୍ରତିଷ୍ଠାନ, ନିବେଶକ, ପ୍ରଯୁକ୍ତିବିଦ୍ୟା କମ୍ପାନୀ ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ପକ୍ଷମାନେ ଏକତ୍ରିତ ହୋଇ ନିଜ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିବେ ।

## ପିଏମ୍-ନବସାରୀ

ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନାର ସୁଫଳ ଯେଭଳି ସମାଜର କୋଣଅନୁକୋଣରେ ପହଞ୍ଚିପାରିବ ସେ ଦିଗରେ ପ୍ରୟାସ ଜାରି ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକ ଏବଂ ଜନପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ଗୁଜରାଟର ନବସାରୀଠାରେ ବିଜେପିର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ଅବସରରେ ଆୟୋଜିତ ଏକ ଜନସମାବେଶକୁ ସମ୍ବୋଧନ କରି ସେ ଏହା କହିଛନ୍ତି । ପି.ଏମ୍. ସ୍ୱନିଧି ଯୋଜନାର ରୂପାନ୍ତରୀକରଣ ପ୍ରଭାବ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ବୁଲାବିକାଳି ଏବଂ ଛୋଟ ଛୋଟ ଉଠା ଦୋକାନୀମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ କରିବା

ଉଦ୍ଦେଶ୍ୟରେ ଏହା କାର୍ଯ୍ୟକାରୀ କରାଯାଉଛି । ସେମାନଙ୍କୁ ଏହି ଯୋଜନା ଅଧୀନରେ ଋଣ ଉପଲବ୍ଧତା ସୁଗମ କରାଇବା ସହିତ ଆଧୁନିକ ଡିଜିଟାଲ୍ ନେଣଦେଣ ମଧ୍ୟ ସୁବିଧାରେ ପ୍ରାପ୍ତ ହୋଇପାରୁଛି । ସେହିଭଳି ଜନସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥା ଉପରେ ନିଆଯାଇଥିବା ସଂସ୍କାର ମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ସ୍ଥାନୀୟ ପ୍ରଶାସନ ଏବଂ ଜନସାଧାରଣ ଏହି ସମନ୍ୱିତ ସ୍ୱଚ୍ଛତା ଅଭିଯନାରେ ନିଜକୁ ସକ୍ରିୟ ଭାବେ ସାମିଲ କରିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ଏମ୍‌ଇଏ ବ୍ରିଫିଂ

ଆସନ୍ତା ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷିୟ ବୈଠକ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଆଜି ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗ ସମେତ ରୁଷ ଓ ୟୁକ୍ରେନ୍ ବିବାଦ ମଧ୍ୟ ଏହି ଆଲୋଚନାରେ ସ୍ଥାନ ପାଇବାର ସମ୍ଭାବନା ରହିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ରୁଷ-ୟୁକ୍ରେନ୍ ବିବାଦ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ଏ ସମ୍ପର୍କରେ ଉଭୟ ପକ୍ଷ ସହିତ ଯୋଗାଯୋଗରେ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସମ୍ପ୍ରତି ୟୁକ୍ରେନ୍ ଓ ପୋଲାଣ୍ଡ ଗସ୍ତ କରିଛନ୍ତି । ବର୍ତ୍ତମାନର ଯୁଗ ଯୁଦ୍ଧର ନୁହେଁ ଏବଂ ଯୁଦ୍ଧ କ୍ଷେତ୍ରରୁ କୌଣସି ସମାଧାନ ବାହାରି ପାରିବ ନାହିଁ ବୋଲି ସେ ଏହି ଗସ୍ତ ଅବସରରେ ଭାରତର ଏହି ପକ୍ଷ ଉଭୟ ଦେଶର ନେତୃବୃନ୍ଦଙ୍କୁ ଅବଗତ କରାଯାଇଛି ।

ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କ କ୍ରମଶଃ ଏକ ସକାରାତ୍ମକ ଦିଗକୁ ଗତି କରୁଛି ।  ଗତ ୬ ତାରିଖରେ ଅରୁଣାଚଳ ପ୍ରଦେଶର ୱାଚାକ୍ ଏବଂ ଗତକାଲି ଚୀନ୍‌ଠାରେ ଦୁଇ ଦେଶ ମଧ୍ୟରେ ପ୍ରଥମ ସାମରିକ କମାଣ୍ଡର ସ୍ତରୀୟ ଫ୍ଲାଗ୍ ବୈଠକ ଅନୁଷ୍ଠିତ ହୋଇଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ସମ୍ପ୍ରତି ନେପାଳ ବନ୍ୟା ସମ୍ପର୍କରେ ଭାରତର ପକ୍ଷ ରଖି ଶ୍ରୀ ଜୟସ୍ୱାଲ କହିଛନ୍ତି, ଏହି ଦୁର୍ଦ୍ଦିନରେ ଭାରତ ସରକାର ଉଭୟ ନେପାଳବାସୀ ଏବଂ ସେଠାକାର ସରକାରଙ୍କ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି । ଭାରତ ପକ୍ଷରୁ ରିଲିଫ୍, ଉଦ୍ଧାର ଏବଂ ପୁନର୍ଗଠନ କାର୍ଯ୍ୟ ଲାଗି ସହାୟତା ଜାରି ରହିବ । ଇତିମଧ୍ୟରେ ପ୍ରାୟ ୯୫ ଟନ୍ ରିଲିଫ୍ ସାମଗ୍ରୀ  ୭ଟି ବିମାନ ଦ୍ୱାରା ନେପାଳକୁ ପଠାଯାଇସାରିଛି । ଏହି

ବନ୍ୟାରେ ଅନେକ ଭାରତୀୟ ମଧ୍ୟ ପ୍ରଭାବିତ ହୋଇଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି :

**V/O1-RANDHIR-JAISWAL-NEPAL**

# ପ୍ରେଜ୍-ନ୍ୟାସନାଲ୍ ଫିଲ୍ମ ଆୱାର୍ଡ଼

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୨ ତାରିଖରେ ଗୁଜରାଟର ଏକତା ନଗରଠାରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ  ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଆର୍ଟିକିଲ୍ ୩୭୦କୁ ଶ୍ରେଷ୍ଠ ଫିଚର୍ ଫିଲ୍ମ ଏବଂ ଭଙ୍ଗାରକୁ ଶ୍ରେଷ୍ଠ ନନ୍-ଫିଚର୍ ଫିଲ୍ମ ଭାବେ ପୁରସ୍କୃତ କରାଯିବ । ବ୍ରମୟୁଗମ୍ ଚଳଚ୍ଚିତ୍ର ଲାଗି ଅଭିନେତା ମାମୁଟି ଏବଂ ଚନ୍ଦୁ ଚମ୍ପିୟାନ୍ ଲାଗି କାର୍ତ୍ତିକ ଆରିୟାନ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ କରାଯିବ । ସେହିଭଳି ୟାମି ଗୌତମଙ୍କୁ ଆର୍ଟିକିଲ୍-୩୭୦ରେ ମୁଖ୍ୟ ଭୂମିକା ଲାଗି ଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ମିଳିବ । ଚଳିତଥର ପ୍ରଥମଥର ଲାଗି ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ନନ୍-ଫିଚର୍ ଫିଲ୍ମ ପର୍ଯ୍ୟାୟରେ ସାନ୍ତାଳୀ ଚଳଚ୍ଚିତ୍ରକୁ ପୁରସ୍କୃତ କରାଯିବ । ନୂଆଦିଲ୍ଲୀ ବ୍ୟତୀତ ଦେଶର ବିଭିନ୍ନ ସ୍ଥାନରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଆୟୋଜନ କରିବା ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି ବୋଲି କହିଛି ।

# ପିଏମ୍-ଅନ୍ନପୂର୍ଣ୍ଣା ଦେବୀ

ଅଙ୍ଗନବାଡ଼ି ବ୍ୟବସ୍ଥାକୁ ଏକ ଜନଭାଗିଦାରୀ ଅଭିଯାନରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କର ଏ ସମ୍ପର୍କିତ ଏକ ଲେଖାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଶ୍ରୀ ମୋଦୀ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମାତୃ ବନ୍ଦନା ଯୋଜନା ଏବଂ ପୋଷଣ ମାସ ଭଳି ଜନକଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଗତ ଦଶନ୍ଧିରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଏହି ଲେଖାରେ ଆଲୋକପାତ କରାଯାଇଛି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ସାମାଜିକ ଅଡିଟ୍ ଏବଂ ପୋଷଣ ଯୁକ୍ତ ଖାଦ୍ୟ ଦ୍ୱାରା ଶିଶୁ, ମହିଳା ଏବଂ କିଶୋରୀମାନେ କିଭଳି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ମଧ୍ୟ ଏହି ଲେଖାରେ ଉଲ୍ଲେଖ କରାଯାଇଛି ।

'ହମାରି ଅଙ୍ଗନ୍‌ୱାଡ଼ି – ହମାରି ଜିମେଦାରୀ' ଦୃଷ୍ଟିକୋଣରେ ପରିଚାଳିତ ଏହି ପ୍ରୟାସଗୁଡ଼ିକ ମାଧ୍ୟମରେ ଏକ କୁ-ପୋଷଣ ମୁକ୍ତ ବିକଶିତ ଭାରତ ଗଠନ ସଫଳତାର ସହ ସମ୍ପନ୍ନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ନିଜର ଏହି ଲେଖାରେ ଅଙ୍ଗନବାଡ଼ି ଗୁଡ଼ିକୁ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବର୍ଣ୍ଣନା କରିଛନ୍ତି ।

# ରାଜନାଥ-ଶ୍ରୀଲଙ୍କା ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତିନିଦିନିଆ ଶ୍ରୀଲଙ୍କା ଗସ୍ତରେ ଯାଇ ଆଜି କଲମ୍ବୋରେ ପହଞ୍ଚିଛନ୍ତି । ଭାରତ-ଶ୍ରୀଲଙ୍କା ମଧ୍ୟରେ ଦ୍ୱିପକ୍ଷିୟ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସହଯୋଗକୁ ଅଧିକ ସଶକ୍ତ କରିବା ହେଉଛି ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଶ୍ରୀ ସିଂହ ଆଜି ବନ୍ଦରନାଏକେ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ଶ୍ରୀଲଙ୍କାର ଉପପ୍ରତିରକ୍ଷା ମନ୍ତ୍ରୀ ଅରୁଣା ଜୟଶିକାର ଏବଂ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ସନ୍ତୋଷ ଝା ତାଙ୍କୁ ସ୍ୱାଗତ କରିଥିଲେ ।

ଶ୍ରୀ ସିଂହଙ୍କର ଏହି ଗସ୍ତ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସେଠାରେ ଦିଆଯାଇଥିବା ପାରମ୍ପରିକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦୁଇ ଦେଶ ମଧ୍ୟରେ ରହିଥିବା ସମ୍ପର୍କର ପ୍ରତିଫଳନ । ଏହି ଗସ୍ତ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଆପୋଷ ସ୍ୱାର୍ଥ ଜଡ଼ିତ ଦ୍ୱିପକ୍ଷିୟ ସମ୍ପର୍କ ବିଶେଷ କରି ସାମୁଦ୍ରିକ ଏବଂ ପ୍ରତିରକ୍ଷା ଭାଗିଦାରିକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀଲଙ୍କାର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ । ପ୍ରତିରକ୍ଷା ମନ୍ତ୍ରୀଙ୍କ ସହିତ ପ୍ରତିରକ୍ଷା ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଗସ୍ତ କରିଛନ୍ତି ।

ଏତଦ୍ ବ୍ୟତୀତ ଶ୍ରୀ ସିଂହ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହିତ ମଧ୍ୟ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତରେ ଯିବା ପୂର୍ବରୁ ଶ୍ରୀ ସିଂହ 'ପଡ଼ୋଶୀ ପ୍ରଥମ ଏବଂ ମହାସାଗର ଭିଜନ' ଅଧୀନରେ ଶ୍ରୀଲଙ୍କା' ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରି ହୋଇଥିବା ଦୃଷ୍ଟିରୁ ସେଠାକାର ନେତୃବୃନ୍ଦଙ୍କ ସହିତ ତାଙ୍କର ଫଳପ୍ରଦ ଆଲୋଚନା ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ପିଏମ୍-ସେତୁ

ରାଜସ୍ଥାନ, ଉତ୍ତରପ୍ରଦେଶ ଓ ତେଲଙ୍ଗାନାରେ ଆଇ.ଟି.ଆଇ. କ୍ଲଷ୍ଟର୍ ପ୍ରକଳ୍ପ ସମ୍ପର୍କିତ ରଣନୈତିକ ପୁଞ୍ଜିନିବେଶ ଯୋଜନାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଏଥିଲାଗି ୭୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେଥିମଧ୍ୟରେ ରାଜସ୍ଥାନ ଲାଗି ୨୪୧ କୋଟି ଟଙ୍କା, ଉତ୍ତରପ୍ରଦେଶ ଲାଗି ୨୪୦ କୋଟିରୁ ଉର୍ଦ୍ଧ୍ୱ ଏବଂ ୨୫୪ କୋଟି ଟଙ୍କା ତେଲଙ୍ଗାନା ପାଇଁ ଖର୍ଚ୍ଚ କରାଯିବ । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ସଚିବା ଦେବଶ୍ରୀ ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପି.ଏମ୍. ସେତୁ ଯୋଜନାର ପଞ୍ଚମ ଜାତୀୟ ଷ୍ଟିୟରିଂ କମିଟି ବୈଠକରେ ଏହି ଅନୁମୋଦନ କରାଯାଇଛି । ଶିଳ୍ପ ଭାଗିଦାରୀ, ଆଧୁନିକ ଭିତ୍ତିଭୂମି, ଉନ୍ନତ ଧରଣର ତାଲିମ୍ କାର୍ଯ୍ୟକ୍ରମ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା

ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆଇ.ଟି.ଆଇ. ଇକୋସିଷ୍ଟମ୍‌ର ରୂପାନ୍ତରୀକରଣ କରିବା ଉଦ୍ଦେଶ୍ୟରେ ପି.ଏମ୍. ସେତୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।